ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR (OD)/CS-GA-50 -10/4/21

ମୁଖ୍ୟ ଶାସନ ସଚିବଙ୍କର ନୂଆପଡା ଗସ୍ତ

କୋଭିଡ୍ ମୁକାବିଲା ପ୍ରସ୍ତୁତିର ସମୀକ୍ଷା

ବାହାର ରାଜ୍ୟରୁ ଆସୁଥିବା ଲୋକମାନଙ୍କ ଏକାନ୍ତବାସ ଉପରେ ଗୁରୁତ୍ୱ

କୋଭିଡ୍ ନିୟମର ପ୍ରବର୍ତ୍ତନ ଓ ଅନୁପାଳନ ପାଇଁ କଡ଼ା ନିର୍ଦ୍ଦେଶ

ଭୁବନେଶ୍ୱର, ୧୦/୦୪/୨୧

ନୂଆପଡା ଜିଲ୍ଲାରେ କୋଭିଡ୍ ସ୍ଥିତିର ଅନୁଧାନ ଓ ନିୟନ୍ତ୍ରଣ ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରଦୀପ୍ତ କୁମାର ମହାପାତ୍ର ଆଜି ନୂଆପଡା ଗସ୍ତ କରିଛନ୍ତି । ପୂର୍ବାହ୍ନରେ ଶ୍ରୀ ମହାପାତ୍ର ନୂଆପଡାର

ସିଲଦା ସ୍ଥିତ ଜିଲ୍ଲା କୋଭିଡ୍ ହସ୍ପିଟାଲ୍ ପରିଦର୍ଶନ କରି ସେଠାରେ ଚିକିତ୍ସା ସୁବିଧା, ବେଡ୍, ଆଇ.ସି.ୟୁ., ଔଷଧ ଓ ଅନ୍ୟାନ୍ୟ ଚିକିତ୍ସା ବ୍ୟବସ୍ଥା ଆଦିର କ୍ଷେତ୍ରସ୍ତରୀୟ ଅନୁଧାନ କରିଥିଲେ ।

ପରେପରେ ମୁଖ୍ୟ ଶାସନ ସଚିବ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ସ୍ୱାସ୍ଥ୍ୟ ଅଧିକାରୀଙ୍କ ସମେତ ସଂପୃକ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହ କୋଭିଡ୍ ମୁକାବିଲା ବିଷୟରେ ଆଲୋଚନା କରିଥିଲେ । କୋଭିଡ୍ ସଂକ୍ରମଣ ନିୟନ୍ତ୍ରଣ ପାଇଁ ଜିଲ୍ଲାର ପ୍ରସ୍ତୁତି ଓ ବର୍ତ୍ତମାନ ପର୍ଯ୍ୟନ୍ତ ନିଆଯାଇଥିବା ପଦକ୍ଷେପର ସମୀକ୍ଷା କରିବା ସହ ଲଢ଼େଇକୁ ଜୋରଦାର କରିବା ନିମନ୍ତେ ବିଭିନ୍ନ ଆବଶ୍ୟକତା ବିଷୟ ପଚାରି ବୁଝିଥିଲେ ।

ନୂଆପଡାକୁ ଲାଗିଥିବା ପଡୋଶୀ ରାଜ୍ୟରେ କରୋନା ସଂକ୍ରମଣ ଦୃତ ବୃଦ୍ଧି ପାଇଥିବାରୁ ବାହାରୁ ଆସୁଥିବା ସବୁ ଲୋକଙ୍କର ଆର୍.ଟି.ପି.ସି.ଆର ଟେଷ୍ଟ ଏବଂ ଏକାନ୍ତବାସ କଡ଼ାକଡ଼ି କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ବାହାରୁ ଆସୁଥିବା ସମସ୍ତ ବ୍ୟକ୍ତି ଅତିକମରେ ୭ ଦିନ ସଙ୍ଗରୋଧରେ ରହିବାକୁ କଡ଼ାକଡ଼ି ପ୍ରବର୍ତ୍ତନ କରିବା; ଏବଂ, କୋଭିଡ୍ ପ୍ରତିରୋଧ ବିଷୟରେ ଜନସଚେତନତା ସଘନ ଓ ବ୍ୟାପକ କରିବାକୁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ଗ୍ରାମ କମିଟି,ପଂଚାୟତ, ସରପଂଚ, ୱାର୍ଡମେମ୍ବର ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ସଚେତନତା ଓ ବାହାରୁ ଆସୁଥିବା ବ୍ୟକ୍ତିଙ୍କ ଏକାନ୍ତବାସ କାର୍ଯ୍ୟରେ ସକ୍ରିୟଭାବେ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବଜାର କମିଟିମାନଙ୍କ ସହ ଆଲୋଚନା କରି ସମସ୍ତ ବଜାରରେ ମାସ୍କ ପିନ୍ଧିବା ଏବଂ ସାମାଜିକ ଦୁରତା ନିୟମକୁ କଡ଼ାକଡ଼ି ଲାଗୁ କରିବା ନିମନ୍ତେ କହିଥିଲେ । ଜିଲ୍ଲା କୋଭିଡ୍ ହସ୍ପିଟାଲରେ ଆଇ.ସି.ୟୁ. ସଂଖ୍ୟା ବଢ଼ାଇବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା । ଜିଲ୍ଲାରେ ଥିବା

କୋଭିଡ୍ କେୟାର ସେଣ୍ଟର ଗୁଡିକୁ କାର୍ଯ୍ୟକ୍ଷମ କରିବା ସହ ଦୈନିକ କୋଭିଡ୍ ପରୀକ୍ଷା ସଂଖ୍ୟା ଅଧିକରୁ ଅଧିକ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କହିଥିଲେ ଯେ ଜିଲ୍ଲାରେ ବର୍ତ୍ତମାନ ପର୍ଯ୍ୟାପ୍ତ ଔଷଧ ମହଜୁଦ ଅଛି । କରୋନା ଟିକାକରଣ ଚାଲିଛି । ଆଜି ଆହୁରି ଅଧିକ ଟିକା ଜିଲ୍ଲାକୁ ଯୋଗାଇଦିଆଯିବ । ଜିଲ୍ଲା ପାଇଁ ମଧ୍ୟ ଅଧିକ ଡ଼ାକ୍ତର ନିୟୋଜନ କରାଯାଇଛି । ସେମାନେ ଖୁବ୍ ଶିଘ୍ର କାର୍ଯ୍ୟରେ ଯୋଗଦେବେ ।

ନୂଆପଡାର ଜିଲ୍ଲାପାଳ ଶ୍ରୀମତୀ ସ୍ୱାଧା ଦେବ ସିଂ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଶ୍ରୀ ବିଜୟ ମହାପାତ୍ର ଏବଂ ସ୍ୱାସ୍ଥ୍ୟ ଶିକ୍ଷା ପ୍ରଶିକ୍ଷଣ ନିର୍ଦ୍ଦେଶକ ଡ଼ଃ ସି.ବି.କେ.ମହାନ୍ତିଙ୍କ ସମେତ ବରିଷ୍ଠ ଅଧିକାରୀମାନେ ମୁଖ୍ୟ ଶାସନ ସଚିବଙ୍କ କ୍ଷେତ୍ର ପରିଦର୍ଶନ ଓ ସମୀକ୍ଷା ସମୟରେ ଉପସ୍ଥିତ ରହି ଆବଶ୍ୟକୀୟ ତଥ୍ୟ ଉପସ୍ଥାପନ କରିଥିଲେ ।

ଉମାକାନ୍ତ ମହାପାତ୍ର,

ସୂଚନା ଅଧିକାରୀ, ମୁଖ୍ୟ ଶାସନ ସଚିବ